# କାର୍ଯ୍ୟାଦେଶ ସତ୍ତ୍ୱେ ଘର କରିପାରୁନାହାନ୍ତି ୮୬୨ ହିତାଧିକାରୀ

**ଆବାସ ଗୃହ ନିର୍ମାଣ କରିବାକୁ ମିଳୁନି ଜମି**

**୬ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରୁନି ୧୯୭୬ ଆବାସ**

ରାୟଗଡ଼ା, ୩।୭ (ଭାଗ୍ୟଶ୍ରୀ ମିଶ୍ର)

ଗରିବ ଜନସାଧାରଣଙ୍କୁ ପକ୍କାଘର ଯୋଗାଇବା ପାଇଁ ୨୦୧୫ରେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ଆଦିବାସୀ ଅଧ୍ୟୁଷିତ ରାୟଗଡ଼ା ଜିଲାରେ ଆବାସ ଯୋଜନା ଫେଲ୍ ମାରିଥିବା ଅଭିଯୋଗ ହୋଇଛି। କେନ୍ଦ୍ର ପକ୍ଷରୁ ଗ୍ରାମାଞ୍ଚଳରେ ସର୍ଭେ କରାଯାଇ ଗରିବରୁ ଅତି ଗରିବ ଶ୍ରେଣୀର ଲୋକଙ୍କୁ ଚିହ୍ନଟ କରାଯାଇ ଆବାସ ଯୋଜନା କାର୍ଯ୍ୟାଦେଶ ଦିଆଯାଉଥିବା ବିଭାଗୀୟ ଅଧିକାରୀ କହିଛନ୍ତି । ହେଲେ ବାସ୍ତବରେ ପ୍ରକୃତ ହିତାଧିକାରୀ ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଲୋକେ ହାତଗୁଞ୍ଜା ଦେଲେ କାର୍ଯ୍ୟାଦେଶ ଏବଂ ଗୃହ ଆବଣ୍ଟନ ହେଉଥିବା ଅଭିଯୋଗ କରିଛନ୍ତି ଜେକେପୁରର ହଳଦୀପଡ଼ା ଗ୍ରାମବାସୀ । ସେହିପରି କିଛି ହିତାଧିକାରୀ ଆବାସ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ଜମି ଅଭାବରୁ ଘର କରିପାରୁ ନ ଥିବା ଅଭିଯୋଗ ହେଉଛି। ୮୬୨ ଜଣ ହିତାଧିକାରୀଙ୍କୁ ୨୦୨୧ରେ ଚିହ୍ନଟ କରାଯାଇ କାର୍ଯ୍ୟାଦେଶ ଦିଆଯାଇଥିଲେ ମଧ୍ୟ ସେମାନଙ୍କର ଭୂମି ନ ଥିବାରୁ ସେମାନେ ପ୍ରଧାନମନ୍ତ୍ରୀ ଆବାସ କରିପାରୁ ନ ଥିବା ଜଣାପଡ଼ିଛି ।

ସରକାରୀ ନିୟମ ଅନୁଯାୟୀ ଜିଲା ପରିଷଦ ପକ୍ଷରୁ ଭୂମିହୀନ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ତହସିଲ କାର୍ଯ୍ୟାଳୟଙ୍କୁ ଦିଆଯାଏ । ତହସିଲଦାର ଏହାର ସମୀକ୍ଷା କରି କୌଣସି ସରକାରୀ ଜମି ପ୍ରଦାନକଲେ ହିତାଧିକାରୀ ଘର କରିପାରିବେ ବୋଲି ଜିଲା ପରିଷଦ କାର୍ଯ୍ୟାଳୟର ବିଭଗୀୟ ଅଧିକାରୀ କହିଛନ୍ତି। ଏ ନେଇ ବାରମ୍ବାର ତହସିଲ ଅଫିସକୁ ଚିଠି କରାଯାଉଥିବା କହିଛନ୍ତି। ଅନ୍ୟପକ୍ଷେ ଜାଗା ନ ଥିବାରୁ ଘର ନ କରି ଅପେକ୍ଷାକରି ରହିଛନ୍ତି ୮୬୨ ହିତାଧିକାରୀ। ଏ ନେଇ ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର କହିଛନ୍ତି, ସେ ଦାୟିତ୍ୱ ଗ୍ରହଣ ପୂର୍ବରୁ ୨୮୬୮ ଭୂମିହୀନ ହିତାଧିକାରୀ ଥିଲେ। ଏ ନେଇ ବାରମ୍ବାର ରାଜସ୍ୱ ବିଭାଗ ବୈଠକରେ ଉପସ୍ଥାପନା କରିବା ପରେ ତହସିଲଦାରମାନଙ୍କୁ ବାରମ୍ବାର ଚିଠି କରାଇ ଜମି ଦେବାକୁ କହଥିବାରୁ ଏବେ ହିତାଧିକାରୀ ସଂଖ୍ୟା ୮୬୨ରେ ପହଞ୍ଚିଛି ।

ସେହିପରି ରାୟଗଡ଼ା ଜିଲାରେ ଅନେକ ଆବାସ ଗୃହ ସମ୍ପୂର୍ଣ୍ଣ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଜିଲାରେ ୨୦୧୬-୧୭ ରୁ ୨୦୨୦-୨୧ ପ୍ରାୟ ୬ ବର୍ଷ ମଧ୍ୟରେ ଜିଲାର ୧୧ଟି ବ୍ଲକର ଗ୍ରାମାଞ୍ଚଳରେ ମୋଟ ୩୮,୧୮୦ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାଦେଶ ମିଳିଛି । ସେଥିରୁ ୩୬,୨୦୪ ଘର ସମ୍ପୂର୍ଣ୍ଣ ହୋଇଥିବାବେଳେ ବଳକା ୧୯୭୬ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି । କାଶୀପୁର ବ୍ଲକ୍‌ରେ ସର୍ବାଧିକ ୫୯୫ ଘର କାମ ନ ହୋଇ ପଡିରହିଛି । ସେହିପରି ମୁନିଗୁଡ଼ାରେ ୩୭୮, କେ.ସିଂପୁରରେ ୨୦୪, ଚନ୍ଦ୍ରପୁରରେ ୧୦୮, ବିଷମ କଟକରେ ୨୨୪ ପରି ଅନ୍ୟ ବ୍ଲକ୍‌ଗୁଡିକରେ ମଧ୍ୟ ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ସେହିପରି ୨୦୨୧-୨୨ରେ ସର୍ବମୋଟ ୨୬,୬୪୭ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳିଛି । ସେଥିରୁ ୧୩,୬୪୩ ଘର ସମ୍ପୂର୍ଣ୍ଣ ହୋଇଥିବାବେଳେ ଆହୁରି ୧୩,୦୦୪ ଅସମ୍ପୂର୍ଣ୍ଣ ରହିଛି । କଲ୍ୟାଣସିଂପୁର ବ୍ଲକ୍‌ରେ ସର୍ବାଧିକ ୧୯୫୧ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ରହିଛି। ବିଷମ କଟକରେ ୧୪୫୨, ଚନ୍ଦ୍ରପୁର ୬୫୨, ଗୁଡାରି ୭୫୨, ଗୁଣପୁର ବ୍ଲକ୍‌ରେ ୮୭୦, କାଶୀପୁର ୧୨୦୬, କୋଲନରା ୧୫୧୦, ମୁନିଗୁଡ଼ା ୧୫୩୦, ପଦ୍ମପୁର ୭୧୦, ରାମନାଗୁଡ଼ା ୫୫୦, ରାୟଗଡ଼ାରେ ୧୫୫୩ ଘର ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଜିଲା ପରିଷଦ ନିର୍ବାହୀ ଅଧିକାରୀ କହଁର କହିଛନ୍ତି, ଜିଲାରେ ଅନେକ ପାହାଡ଼ିଆ ଅଞ୍ଚଳ ଥିବାରୁ ସେଠାକୁ ଘର ସାମଗ୍ରୀ ପହଞ୍ଚିବା କଷ୍ଟ ହେଉଛି। ତଥାପି ଆମେ ବିଭିନ୍ନ ବୈଠକ କରି କିପରି ହିତାଧିକାରୀମାନେ ତୁରନ୍ତ ଗୃହ କାର୍ଯ୍ୟ ସାରିବେ ସେଥିପ୍ରତି ଗୁରୁତ୍ୱ ଦେଉଛୁ । ଏ ନେଇ ରାୟଗଡ଼ା ବିଧାୟକ ଆପଲସ୍ୱାମୀ କାଡ୍ରାକା କହିଛନ୍ତି, ଗ୍ରାମାଞ୍ଚଳରେ ଅନେକ ହିତାଧିକାରୀ ଆବାସ ଯୋଜନାରୁ ବଞ୍ଚିତ ହେଉଛନ୍ତି । ପ୍ରକୃତ ହିତାଧିକାରୀଙ୍କୁ ଠିକ୍ ସମୟରେ ଟଙ୍କା ମିଳୁ ନ ଥିବାବେଳେ ଗୃହ ଟଙ୍କା ପାଇବା ପାଇଁ ଲୋକେ ହଇରାଣ ହେଉଛନ୍ତି। ଭୂମିହୀନଙ୍କୁ ତୁରନ୍ତ ଘର ଯୋଗାଇବାକୁ ବିଭଗୀୟ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଏ ସମ୍ପର୍କରେ ସେ ଆଗାମୀ ଦିନରେ ବିଧାନସଭାରେ ଉପସ୍ଥାପନା କରିବେ ବୋଲି କହିଛନ୍ତି।

# ବୃଦ୍ଧାଙ୍କଠୁ ଲୁଟିନେଲେ ସୁନାଚେନ୍

ରାୟଗଡା,୩।୭(ଆଶିଷ ରଞ୍ଜନ ପଣ୍ଡା)

କିଛିଦିନର ବ୍ୟବଧାନ ପରେ ପୁଣି ରାୟଗଡା ସହରରେ ଆରମ୍ଭ ହୋଇଛି ଲୁଟେରାଙ୍କ ଆତଙ୍କ। ବୁଧବାର ସକାଳୁ ଜଣେ ବୃଦ୍ଧାଙ୍କଠୁ ସୁନା ଓ ରୁପା ଚେନ୍ ଟାଣି ନେଇଛନ୍ତି ୨ ଲୁଟେରା । ଲୁଟର ଶିକାର ହୋଇଥିବା ବୃଦ୍ଧା ଜଣକ ହେଲେ ବି. ଅନସୂୟା (୭୫)। ଅନସୂୟା ଏ ନେଇ ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଅନସୂୟା ପରିଣତ ବୟସରେ ପହଞ୍ଚିଥିଲେ ମଧ୍ୟ କାହା ଉପରେ ନିର୍ଭର ନ କରି ସ୍ଥାନୀୟ ରଥ ଛକରେ ଏକ ପାନଦୋକାନ କରି ନିଜର ଗୁଜରାଣ ମେଣ୍ଟାଉଛନ୍ତି। ପ୍ରତିଦିନ ଭଳି ଅନସୂୟା ବୁଧବାର ଭୋରରୁ ଦୋକାନ ଖୋଲିଥିଲେ। ସେହି ସମୟରେ ୨ ଜଣ ଦୁର୍ବୃତ୍ତ ତାଙ୍କ ଦୋକାନକୁ ଆସି ଗୁଟଖା ମାଗିଥିଲେ। ଅନସୂୟା ଗୁଟ୍‌ଖା ଦେବା ବେଳେ ସେ ବେକରେ ପିନ୍ଧିଥିବା ସୁନା ଓ ରୁପା ଚେନ୍ ଟାଣି ନେଇଯାଇଥିଲେ। ପରେ ଏକ କଳା ରଙ୍ଗର ବାଇକରେ ଫେରାର ହୋଇଯାଇଥିଲେ। ଲୁଟ ସୁନାଚେନ୍‌ର ଓଜନ ପ୍ରାୟ ୪୦ ଗ୍ରାମ ଥିବା ବେଳେ ରୁପା ଚେନର ଓଜନ ୧୫ ଗ୍ରାମ ରହିଥିବା ଜଣାପଡିଛି । ବୃଦ୍ଧାଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି । ହେଲେ ଲୁଟେରାଙ୍କ ସମ୍ପର୍କରେ କୌଣସି ସୂଚନା ମିଳିନାହିଁ । ତେବେ ପଡୋଶୀ ଆନ୍ଧ୍ରପ୍ରଦେଶର ଏକ ଗ୍ୟାଙ୍ଗ୍ ଲୁଟ୍, ଛିନ୍‌ତାଇ ଭଳି କାର୍ଯ୍ୟ କରୁଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ତେଣୁ ପୋଲିସ ପ୍ରଶାସନ ପକ୍ଷରୁ ଦୃଢ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଗୁଡ଼ାରି ବିଡିଓ, ତହସିଲଦାର ସମ୍ବର୍ଦ୍ଧିତ

ଗୁଡ଼ାରି,୩।୭ (ପ୍ରମୋଦ କୁମାର ପତି )



ସାଧାରଣ ନିର୍ବାଚନ ୨୦୨୪ରେ ଦାୟିତ୍ୱ ଏବଂ ନିଷ୍ଠାପର ସହ ନିଜ କାର୍ଯ୍ୟ ସମ୍ପାଦିତ କରିଥିବାରୁ ମଙ୍ଗଳବାର ଗୁଣପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିର୍ବାଚନରେ ନିୟୋଜିତ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୁଣପୁର ଉପଜିଲାପାଳ କୀରନଦୀପ କୌର ସାହୋଟା ଗୁଡାରି ବିଡିଓ ଅନିଶା ଦାସ, ତହସିଲଦାର ଏ. ସ୍ନେହଲତା ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ରକ୍ତଶିକୁଳି ସଚେତନତା କାର୍ଯ୍ୟକ୍ରମ

ଗୁଣପୁର, ୩।୭(ପ୍ରଦୀପ କୁମାର ପାଢ଼ୀ )

ରାୟଗଡ଼ା ଜିଲା ଗୁଣପୁର ମହାବିଦ୍ୟାଳୟରେ ସପ୍ତାହେବ୍ୟାପୀ ଆୟୋଜିତ ବିଶ୍ୱ ରକ୍ତଶିକୁଳି ସଚେତନତା କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏହି ସଭାରେ ଅନୁଷ୍ଠାନର ଅଧକ୍ଷ ଶଶିଭୂଷଣ ମହାନ୍ତି ସଭାପତିତ୍ୱ କରିବା ସହ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ସଚେତନତାର ବାର୍ତ୍ତାବାହକ ହେବା ପାଇଁ ଅନୁରୋଧ କରିଥିଲେ । ରକ୍ତଶିକୁଳି ରୋଗର ଲକ୍ଷଣ ଓ ନିରାକରଣ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ ଅଧାପିକା ନମିତା ମୁଦୁଲି । ଏହାସହ ପ୍ରାଣୀ ବିଜ୍ଞାନ ବିଭାଗର ୨ ଛାତ୍ରୀ ଏହି ରୋଗର ନିରାକରଣ ବିଷୟରେ ବୁଝାଇଥିଲେ। ଏଥିନିମନ୍ତେ ଅନୁଷ୍ଠିତ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ର ବିପିନ ଗମାଙ୍ଗ, ପ୍ରୀତି ମହାଙ୍କୁଡ଼ ଓ ରେଣୁକା ପ୍ରଧାନଙ୍କୁ ଅଧକ୍ଷ ପୁରସ୍କୃତ କରିଥିଲେ। ଶେଷରେ ଅଧାପକ ସତ୍ୟବାନ ଗରଡ଼ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୁକ୍ତ ୩ ଶ୍ରେଣୀର ଶତାଧିକ ଛାତ୍ରୀଛାତ୍ର ଭାଗନେଇଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଜଣେ ଛାତ୍ରୀ ରକ୍ତଶିକୁଳି ରୋଗ ଉପରେ କହୁଛନ୍ତି ।

# ଶୋଭାଯାତ୍ରାକରି ଲୋକଙ୍କୁ ସଚେତନକଲେ କିଶୋରୀ



ବାଳିକାମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି।

ବିଷମକଟକ, ୩।୭(ପ୍ରସନ୍ନ କୁମାର ପଣ୍ଡା)

ବାଲ୍ୟବିବାହ ବନ୍ଦକର। ମାଟି, ପାଣି, ପବନ, ଏଇ ଆମ ଜୀବନ। ଗଛଟିଏ, ଜୀବନ ଟିଏ..। ବାଲ୍ୟବିବାହ ରୋକିବା ଓ ପରିବେଶ ସୁରକ୍ଷା ବିଷୟରେ ଏପରି ସଚେତନତା ବାର୍ତ୍ତା ଦେଇ ବାଳିକାମାନେ ବୁଧବାର ବିଷମ କଟକ ବଜାରରେ ଶୋଭାଯାତ୍ରା କରିଥିଲେ। ଲିଭିଂ ଫାର୍ମର୍ସ ଓ ଏଲ୍‌ଜିଡବ୍ଲ୍ୟୁସିଡିସିର ମିଳିତ ସହଯୋଗରେ ବୁଧବାର ପୂର୍ବାହ୍ନ ୧୧ଟାରେ ବିଷମ କଟକ ବ୍ଲକ୍‌ର ଝିଗିଡି, କାଙ୍କୁବାଡି, ଚଞ୍ଚେରାଗୁଡ଼ା ଓ ବିଷମ କଟକ ପଞ୍ଚାୟତର ଶତାଧିକ କିଶୋରୀ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବାଲ୍ୟବିବାହ ବନ୍ଦ, ନାରୀ ଶିକ୍ଷାକୁ ପ୍ରଶ୍ରୟ ଦେବା, ପରିବେଶ ସୁରକ୍ଷା, ବୃକ୍ଷରୋପଣ ଆଦି ବିଷୟରେ ସଚେତନ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ମା' ମାର୍କାମା ମନ୍ଦିରରୁ ବାହାରି ବଜାର ପରିକ୍ରମା କରି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶୋଭାଯାତ୍ରା ଶେଷରେ କିଶୋରୀମାନେ ବିଡିଓଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। କିଶୋରୀମାନେ ମୁଖ୍ୟତଃ ବ୍ଲକ୍‌କୁ ବାଲ୍ୟବିବାହମୁକ୍ତ କରିବା, ପଲିଥିନମୁକ୍ତ କରିବା ଓ ପରିବେଶ ସୁରକ୍ଷା ପାଇଁ ନୂତନ ଜଙ୍ଗଲ ସୃଷ୍ଟିକରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଶୋଭାଯାତ୍ରାରେ ହେମା ହିକୋକା, ରଚନା ହିକୋକା, ରଚନା ବାରବାଟିଆ, ଭବାନୀ କାଡ୍ରାକା, ଉର୍ମି କରକରିଆ, ରିଙ୍କି ଟାକ୍ରି, ଝିଲି କାଡ୍ରାକା, ସତ୍ୟବତୀ କାଡ୍ରାକା ପ୍ରମୁଖ ନେତୃତ୍ୱ ନେଇଥିବାବେଳେ ଲିଭିଂ ଫାର୍ମର୍ସର ବ୍ଲକ୍ ସଂଯୋଜକ ସୁକାନ୍ତ ବାଘ ଓ ଏଲ୍‌ଜିଡବ୍ଲ୍ୟୁସିଡିସିର ରାଜ୍ୟ ସଂଯୋଜକ ରମାକାନ୍ତ ଜେନା ସହଯୋଗ କରିଥିଲେ।

# ବହୁଭାଷୀ ବିଷୟଭିତ୍ତିକ ଶିକ୍ଷକ ପ୍ରଶିକ୍ଷଣ ଶିବିର

ଗୁଣପୁର,୩।୭ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଅନ୍ତର୍ଗତ ଭାରସିଂ ସରକାରୀ ଉଚ୍ଚ ବିଦ୍ୟାଳୟରେ ବହୁଭାଷୀ ବିଷୟଭିତ୍ତିକ ଶିକ୍ଷକ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମି ଆନୁକୂଲ୍ୟରେ ଆୟୋଜିତ ଏହି ଶିବିର ୪ ଦିନ ଧରି ଚାଲିବ। ଶିବିରରେ ରାଜ୍ୟ ସଂଯୋଜକ ପରମାନନ୍ଦ ପଟେଲ ମୁଖ୍ୟ ଅତିଥି ଏବଂ ସହ ଗବେଷକ ଡ. ସଂଯୁକ୍ତା ମହାରଣା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଗୁଣପୁର ଉପଖଣ୍ଡ ଅଧୀନ ବିଭିନ୍ନ ବିଦ୍ୟାଳୟର ୫୦ ଜଣ ଶିକ୍ଷୟିତ୍ରି ଶିକ୍ଷକ ଏଥିରେ ଭାଗ ନେଇଥିଲେ। ଇନାମ ଗମାଙ୍ଗ, ଦାସ ହୁଇକା ସମ୍ବଳ ଅଧିକାରୀ ଭାବେ ଯୋଗଦେଇ ଶିକ୍ଷକଙ୍କୁ ତାଲିମ ଦେଇଥିଲେ। ପ୍ରାଥମିକ ସ୍ତରରେ ଛାତ୍ରୀଛାତ୍ରମାନେ ଯେପରି ନିଜ ଭାଷାରେ ଶିକ୍ଷା ଗ୍ରହଣ କରିବେ ଓ ପ୍ରତ୍ୟେକ ବହିକୁ ନିଜ ଭାଷାରେ ପଢିପାରିବେ ସେ ଉପରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ପିଲାମାନଙ୍କ ଦ୍ୱାରା ଆଦିବାସୀ ଭାଷାରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ତାଲିମ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# 'ପରିବେଶ ସୁରକ୍ଷା ଆମ କର୍ତ୍ତବ୍ୟ'

**ପ୍ରେସ୍ କ୍ଲବ୍ ପକ୍ଷରୁ ଚାରାରୋପଣ**

ମୁନିଗୁଡ଼ା,୩।୭ (ନନ୍ଦ କିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ା ବନ ବିଭାଗ ତରଫରୁ ଅନୁଷ୍ଠିତ ୭୫ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବୁଧବାର ମୁନିଗୁଡା ପ୍ରେସ୍ କ୍ଲବ୍ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁନିଗୁଡା ସାହିତ୍ୟ ସଂସଦ, ଓଡ଼ିଶା ଜୀବିକା ମିଶନ ଓ ତହସିଲ କାର୍ଯ୍ୟାଳୟ କର୍ମଚାରୀ ଓ ଅନ୍ୟ ଅନୁଷ୍ଠାନ ମିଳିତ ଭାବେ ତହସିଲ କାର୍ଯ୍ୟାଳୟ ଓ ଜେଏମ୍‌ଏଫସି କୋର୍ଟ ପରିସରରେ ଚାରାରୋପଣ କରିଥିଲେ। ଫରେଷ୍ଟର ପ୍ରମୋଦିନୀ ମଣ୍ଡାଙ୍ଗୀ ଓ ରୋନିତ କୁମାର ମହାରଣାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ତହସିଲଦାର ଏମ୍.ଅନୁରାଧା, ପ୍ରେସ୍ କ୍ଲବ୍ ସଭାପତି ରାଜୀବ ଲୋଚନ ଦାସ, ସାହିତ୍ୟ ସଂସଦ ସମ୍ପାଦକ ଉତ୍ତମ ଦାସ, ପି.ସୁଧାକର ପାତ୍ର ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଔଷଧୀୟ ଚାରାରୋପଣ କରିଥିଲେ। ରୋପଣ କରାଯାଇଥିବା ଚାରାଗୁଡିକର ରକ୍ଷଣାବେକ୍ଷଣ ନିହାତି ଆବଶ୍ୟକ ବୋଲି ତହସିଲଦାର ଏମ.ଅନୁରାଧା ପ୍ରକାଶ କରିଥିଲେ । ସେହିପରି 'ଗଛ ବଞ୍ଚିଲେ ଆମେ ବଞ୍ଚିବା, ଆସ ସଭିଏଁ ଗଛ ଲଗାଇବା' ଓ ଗଛ ଲଗାଇବା ଧାଡିକୁ ଧାଡି, ପ୍ରକୃତିକୁ ଆମେ ଦେବା ସଜାଡି'ର ସ୍ଲୋଗାନ ଦେବା ସହ ଜଳ, ଜଙ୍ଗଲ,ବାୟୁ ଓ ଜୀବଜନ୍ତୁଙ୍କ ସୁରକ୍ଷା ଦେବାକୁ ପଡ଼ିବ ବୋଲି ବନ ବିଭାଗ ଅଧିକାରୀମାନେ ସଚେତନତା ବାର୍ତ୍ତା ଦେଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ଅତିରିକ୍ତ ବନପାଳ ସୁଜାତା ସୁନାମୁଦି ,ପ୍ରେସ୍ କ୍ଲବର ଉପସଭାପତି ମନୋରଞ୍ଜନ ଦଳାଇ, କୋଷାଧ୍ୟକ୍ଷ ନରେଶ ପାତ୍ର, ତହସିଲ କାର୍ଯ୍ୟାଳୟ ଆରଆଇ ସୁପରଭାଇଜର ସୁଧୀର ପ୍ରଧାନ, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ଅଧାପକ କୃଷ୍ଣଚନ୍ଦ୍ର ମଲ୍ଲିକ, ତହସିଲ କାର୍ଯ୍ୟାଳୟ ବଡ଼ବାବୁ ସୀମାଞ୍ଚଳ ବିଡ଼ିକା, ସାହିତ୍ୟିକା ନନ୍ଦିନୀ ଦାସ, ଖବରଦାତା କ୍ଷମାସାଗର ଦାସ, ଆନନ୍ଦ ଟାକ୍ରି, ପ୍ରସାଦ ସାହୁକାର, ଧନୁ କୁଶୁଲିଆ, ଲାଡି ଶଙ୍କର, ସାମାଜିକ କର୍ମୀ ଭୀମ ବେହେରା, ସୁବାସ ପ୍ରାଷ୍ଟାଙ୍କ ସହ ଓଡ଼ିଶା ଜୀବିକା ମିଶନର ସ୍ୱୟଂ ସହାୟିକା ଗ୍ରୁପ୍‌ର ସଦସ୍ୟା,ସାହିତ୍ୟ ସଂସଦ ଓ ତହସିଲ କାର୍ଯ୍ୟାଳୟ ଓ ବନ ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଗୋଟିଏ ଲେଖାଏ ଚାରା ରୋପଣ କରିଥିଲେ ।



ପ୍ରେସ କ୍ଲବ ସଦସ୍ୟ ଓ ବନ କର୍ମଚାରୀ ଚାରା ରୋପଣ କରୁଛନ୍ତି।

# ରାୟଗଡ଼ାକୁ ଶିଶୁ ମିତ୍ର ଜିଲା କରିବାକୁ ଆହ୍ୱାନ



ବୈଠକରେ ଅତିରିକ୍ତ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

**'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମର ତ୍ରୈମାସିକ ବୈଠକ**

ରାୟଗଡ଼ା,୩।୭( ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ଶିଶୁ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଜିଲା ପ୍ରଶାସନ ତରଫରୁ ପ୍ରଚେଷ୍ଟା ଅଭିଯାନ ଆନୁକୂଲ୍ୟରେ ତ୍ରୈମାସିକ ସମୀକ୍ଷା ବୈଠକ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜିତ ବୈଠକରେ ଜିଲାରେ ଶିଶୁଙ୍କ ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ ଏବଂ ଶିଶୁ ଶ୍ରମିକ ନିରାକରଣ କମିଟିର ସଦସ୍ୟମାନେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ଭାସ୍କର ରୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲାରେ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟ ବିବାହକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କାର୍ଯ୍ୟ କରୁଥିବା ବିଭିନ୍ନ ବିଭାଗ ସମେତ ପ୍ରତ୍ୟେକ ଅଙ୍ଗନୱାଡି କେନ୍ଦ୍ରରେ ସମସ୍ତ ବିବାହ ଲିପିବଦ୍ଧ ହୋଇରହିବ, ବିବାହ ସମୟରେ ଆବଶ୍ୟକ ଡକୁମେଣ୍ଟ ଉଭୟ କନ୍ୟା ଓ ବରପକ୍ଷ ଦେବେ ବୋଲି ସୂଚନା ଦେଇଥିଲେ। ଜିଲାରେ ପ୍ରତ୍ୟେକ ଗ୍ରାମରେ ସମ୍ବେଦନଶୀଳ ଶିଶୁ ଚିହ୍ନଟ କରାଯାଇ ସେମାନଙ୍କୁ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ କରାଯିବ। ଏହାଦ୍ୱାରା ଜିଲାକୁ ଶିଶୁ ମିତ୍ର ଜିଲା ହିସାବରେ ଗଢ଼ି ତୋଳିପାରିବା ବୋଲି ଅତିରିକ୍ତ ଜିଲାପାଳ ରୟତ କହିଥିଲେ।

ଜିଲାସ୍ତରରେ ମହିଳା କର୍ମଚାରୀଙ୍କୁ ନେଇ ଏକ କମିଟି ଗଠନକରି ସେମାନଙ୍କ ଦ୍ୱାରା ପ୍ରତ୍ୟେକ ବିଦ୍ୟାଳୟରେ ସଚେତନତା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା | ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ବୈଠକ ପ୍ରାରମ୍ଭରେ ସୂଚନା ଦେଇ ଗତ ଦିନରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଶିଶୁଙ୍କ ସୁରକ୍ଷା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ବିଭିନ୍ନ ସୁବିଧା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ଜିଲାର ୨୦୦ଟି ଗ୍ରାମକୁ ଶିଶୁ ମିତ୍ର ଗ୍ରାମ ଭାବେ ଗଢି ତୋଳିବା ପାଇଁ ଜିଲା ପ୍ରଶାସନ ତରଫରୁ ନିଷ୍ପତ୍ତି ହୋଇଥିବା ବୈଠକରେ ଆଲୋଚନା ହୋଇଥିଲା। ଗତ ୬ ମାସରେ ଜିଲାରେ ୧୧ଟି ବାଲ୍ୟବିବାହ ବନ୍ଦ କରାଯିବା ସହ ୧୩୪୫ଟି ରାଜସ୍ୱ ଗ୍ରାମକୁ ପ୍ରଶାସନ ତରଫରୁ ବାଲ୍ୟବିବାହମୁକ୍ତ ଗ୍ରାମ ଭାବରେ ଘୋଷଣା କରାଯାଇଥିବା ଜିଲା ସାମାଜିକ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପରିଡ଼ା ସୂଚନା ଦେଇଥିଲେ। ଜିଲାରେ ଅଧାରୁ ପାଠପଢା ବନ୍ଦକରି ରହୁଥିବା ପିଲାଙ୍କୁ ଚିହ୍ନଟକରି ପୁଣି ଥରେ ବିଦ୍ୟାଳୟକୁ ଆଣିବା ପାଇଁ ଚାଲିଥିବା ପ୍ରକ୍ରିୟା ବିଷୟରେ ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ ଓ ଜିଲା ମଙ୍ଗଳ ଅଧିକାରୀ ଭରତ ଭୂଷଣ ବିଶ୍ୱାଳ ଉଲ୍ଲେଖ କରିଥିଲେ । ବୈଠକରେ ସମସ୍ତ ଜିଲାସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ନିଖୋଜ ଯୁବକଙ୍କ ମୃତଦେହ ମିଳିଲା

କୋରାପୁଟ,୩।୭(ଅମିତାଭ ବେହେରା)– କୋଲାବ ଜଳଭଣ୍ଡାରରେ ମାଛ ଧରିବାକୁ ଯାଇ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ବୁଧବାର କୋରାପୁଟ ଓଏସ୍‌ଏପି ତୃତୀୟ ବାଟାଲିୟନର ଓଡ୍ରାଫ ଟିମ୍ ଜବତ କରିଛି। କୋଲାବ ଜଳଭଣ୍ଡାରର ଲମତାପୁଟ ବ୍ଲକ୍‌ର ଚଣ୍ଡାଲମୁଣ୍ଡା ଗ୍ରାମ ନିକଟ ମହାଦେଇପୁଟ ଘାଟ ନିକଟରୁ ତାଙ୍କ ମୃତଦେହ ମିଳିଛି। ସୋମବାର ସନ୍ଧ୍ୟାରେ ଲମତାପୁଟ ଚଣ୍ଡାଲମୁଣ୍ଡା ଗ୍ରାମର ଧନୁର୍ଜୟ ଶିଶା (୧୮) କୋଲାବ ଜଳଭଣ୍ଡାରକୁ ମାଛ ଧରିବାକୁ ଯାଇଥିଲେ। କୌଣସି କାରଣରୁ ସେ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ପରେ ଧନୁର୍ଜୟଙ୍କ ପରିବାର ପକ୍ଷରୁ ଏନେଇ ଲମତାପୁଟ ପୋଲିସକୁ ଅବଗତ କରିବା ପରେ ସ୍ଥାନୀୟ ପୋଲିସ ତାଙ୍କୁ ଉଦ୍ଧାର କରିବାକୁ କୋରାପୁଟ ଓଡ୍ରାଫ ଟିମ୍‌କୁ ଜଣାଇଥିଲେ। କୋରାପୁଟ ଓଡ୍ରାଫ ଟିମ୍‌ର ହାବିଲଦାର ସୁନୀଲ ଏକ୍କାଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ସକାଳେ ଲମତାପୁଟରେ ମହାଦେଇପୁଟ ଘାଟରେ ପହଞ୍ଚି ଜଳଭଣ୍ଡାରର ପରିସୀମା ଅଞ୍ଚଳରେ ଦୀର୍ଘ ସମୟ ଧରି ଖୋଜାଖୋଜି କରି ଶେଷରେ ଧନୁର୍ଜୟଙ୍କ ମୃତଦେହ ବାହାର କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ମୃତ

ବୈପାରିଗୁଡା,୩।୭ (କଳ୍ପତରୁ ମହାନ୍ତି)– ବୈପାରିଗୁଡା ଟାପାକାରିଆ ସାହିରେ ଏକ ନିର୍ମାଣଧୀନ କୋଠାଘର ଟାଇଲ ବିଛାଇବା କାମରେ ନିୟୋଜିତ ଜଣେ ଶ୍ରମିକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ବୈପାରିଗୁଡା ଥାନା ଅନ୍ତର୍ଗତ ଚନ୍ଦ୍ରପଡା ଗ୍ରାମର ଜିତେନ୍ଦ୍ର ସାମନ୍ତରାୟ । ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ବୈପାରିଗୁଡା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । କେସ୍ ନଂ. ୧୯/୨୪। ସୂଚନାଯୋଗ୍ୟ ଜିତେନ୍ଦ୍ର ଗତ କିଛି ଦିନ ତଳେ ବିବାହ କରିଥିଲେ।

# ଶିଶୁ ମୃତ୍ୟୁ ଘଟଣାର ଅନୁଧ୍ୟାନ ନେଇ ନାରାୟଣପାଟଣାରେ କେନ୍ଦ୍ରୀୟ ଟିମ୍

■ଗ୍ରାମ ପରିଦର୍ଶନକରି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକଲେ
■ଗ୍ରାମବାସୀଙ୍କ ସହ ଆଲୋଚନା କଲେ

କୋରାପୁଟ/ ନାରାୟଣପାଟଣା,୩।୭
(ଅମିତାଭ ବେହେରା/ରାଜକିଶୋର ଜେନା)



ଗୋଡିଗୁଡ଼ାରେ କେନ୍ଦ୍ରୀୟ ଟିମ୍ ଯାଞ୍ଚକରି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

କୋରାପୁଟ ଜିଲା ନାରାୟଣପାଟଣାରେ ଶିଶୁ ମୃତ୍ୟୁ ନେଇ ବୁଧବାର କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଭାଗ ଟିମ୍ ନାରାୟଣପାଟଣା ବ୍ଲକ୍‌ର ବିଭିନ୍ନ ଗ୍ରାମ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଡାକ୍ତର ଆରୁଷୀ ଘାଇଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍‌ରେ ଡାକ୍ତର ଏମ୍. ସତ୍ୟଜିତ ସୁବୁଦ୍ଧି ଓ ଡାକ୍ତର ଆରତି ନାରେଡା ଅଛନ୍ତି। ଟିମ୍ ପୂର୍ବାହ୍ନରେ ନାରାୟଣପାଟଣାରେ ପହଞ୍ଚି ସେଠାରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ବାବୁଲା ବାଘଙ୍କ ସହ ଶିଶୁରୋଗ ନେଇ ବର୍ତ୍ତମାନ ରହିଥିବା ସ୍ଥିତି ଉପରେ ଆଲୋଚନା କରିଥିଲେ। ଗତ ଦିନରେ ଏହି ବ୍ଲକ୍‌ର ମୃତ୍ୟୁବରଣ କରିଥିବା ୭ ଶିଶୁଙ୍କ ମୃତ୍ୟୁର ପ୍ରକୃତ କାରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଶିଶୁ ମୃତ୍ୟୁ ହୋଇଥିବା ଗୋଡିଗୁଡ଼ା, ବିକ୍ରମପୁର, ଜାମିଡିବାଲସା ଗ୍ରାମ ପରିଦର୍ଶନକରି କେନ୍ଦ୍ରୀୟ ଟିମ୍ ମୃତ ଶିଶୁଙ୍କ ପରିବାର ସଦସ୍ୟ, ଗ୍ରାମ କଲ୍ୟାଣ ସମିତି ସଦସ୍ୟ, ଗ୍ରାମବାସୀ ଓ ମେଡିକାଲ କର୍ମଚାରୀଙ୍କ ସହ ଆଲୋଚନା କରିଥିବା ଜିଲା ଏଡିପିଏଚ୍‌ଓ ତଥା ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅଧିକାରୀ ଡାକ୍ତର ମୁକ୍ତିକାନ୍ତ ଖଟୁଆ କହିଛନ୍ତି। ଉକ୍ତ ଅଞ୍ଚଳରେ ଶିଶୁ ମୃତ୍ୟୁ ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବାରୁ ଏବେ ଶିଶୁ ମୃତ୍ୟୁ ସମ୍ପୂର୍ଣ୍ଣ ରୂପେ ରୋକାଯାଇପାରିଛି ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ଟିମ୍‌କୁ ଅବଗତ କରାଇଥିଲେ। ଅନ୍ୟପକ୍ଷରେ ବୁଧବାର କୋରାପୁଟ ସିଡିଏମ୍‌ଓ ଡାକ୍ତର ଆର୍.ଏନ୍. ମିଶ୍ର ଓ କୋରାପୁଟର ଏକ ଡାକ୍ତରୀ ଟିମ୍ ବନ୍ଧୁଗାଁ ବ୍ଲକ ଅଞ୍ଚଳ ପରିଦର୍ଶନକରି ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡିଛି। ବିଶେଷକରି ବ୍ଲକର କୁମ୍ଭାରିପୁଟ ଗ୍ରାମ ସମେତ ବିଭିନ୍ନ ଗ୍ରାମକୁ ଯାଇ ସେଠାରେ ପ୍ରତି ଘର ଘର ବୁଲି ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଫେରିଛନ୍ତି। ସୂଚନାଯୋଗ୍ୟ, ଜିଲାର ନାରାୟଣପାଟଣା ଓ ବନ୍ଧୁଗାଁ ବ୍ଲକ୍ ଅଞ୍ଚଳରେ ଗତ କିଛି ଦିନ ମଧ୍ୟରେ ୯ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ସେଥିମଧ୍ୟରେ ନାରାୟଣପାଟଣାର ୭ଜଣ ଶିଶୁ ଥିଲେ। ଘଟଣାର ପ୍ରକୃତ କାରଣ ଅନୁଧ୍ୟାନ ପାଇଁ ମଙ୍ଗଳବାର ଉପରୋକ୍ତ ୩ ଜଣିଆ କେନ୍ଦ୍ରୀୟ ଟିମ୍ କୋରାପୁଟରେ ପହଞ୍ଚିଥିଲେ। ପ୍ରଥମ ଦିନ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିଦର୍ଶନକରି ଶିଶୁ ୱାର୍ଡ ସମେତ ବିଭିନ୍ନ ୱାର୍ଡ ଓ ଲାବରେଟୋରି ପରିଦର୍ଶନ କରିଥିଲେ।

# ବାଲ୍‌ବାଟିକା କାର୍ଯ୍ୟକ୍ରମ ଉଦ୍‌ଘାଟିତ

କୋରାପୁଟ,୩।୭(ଅମିତାଭ ବେହେରା)

କୋରାପୁଟସ୍ଥିତ ଶ୍ରୀ ରାମକୃଷ୍ଣ ବିଦ୍ୟା ମନ୍ଦିରରେ ବାଲ୍‌ବାଟିକା କାର୍ଯ୍ୟକ୍ରମ ମା’ ଶାରଦା ଭବନରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଏକ ସଭା ହୋଇଥିଲା। ଏଥିରେ ବିଦ୍ୟାମନ୍ଦିରର ଅଧ୍ୟକ୍ଷା ତପସ୍ୱିନୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ତଥା ପ୍ରତିଷ୍ଠାତା ଡ. ଅମୂଲ୍ୟ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ତଥା ପୂର୍ବତନ ବ୍ଲକ୍ ଶିକ୍ଷା ଅଧିକାରୀ ବିଜୟା ମହାପାତ୍ର ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଗୀତ ଓ ଗପ ଶୁଣାଇ ବିଭିନ୍ନ ନୀତି ଉପଦେଶ ଦେଇଥିଲେ। ଶିକ୍ଷୟିତ୍ରୀ ଉମାକୁମାରୀ ସାହୁ, ରଞ୍ଜିତା ଦାସ, ସୋନାଲି ପଟ୍ଟନାୟକଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମାଲକାନଗିରି ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା



ଉମରକୋଟ, ୩।୭(ସନ୍ତୋଷ ଶତପଥୀ)

ମାଲକାନଗିରି ପୂର୍ବତନ ବିଧାୟକ ଆଦିତ୍ୟ ମାଡିଙ୍କ ବୁଧବାର ପରଲୋକ ହୋଇଛି। ଉମରକୋଟ ଭାଜପା ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତ ମାଡ଼ି ମାଲକାନଗିରି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ଭାଜପା ବିଧାୟକ ଥିଲେ। ତାଙ୍କ ବିୟୋଗ ଦଳ ପାଇଁ ଗଭୀର କ୍ଷତି ବୋଲି ରାଜ୍ୟ ଭାଜପା ସମ୍ପାଦକ ରମେଶ ଚନ୍ଦ୍ର ସାହୁ କହିଛନ୍ତି। ଭାଜପା ନେତା ଅଶୋକ କୁମାର ପାଢୀଙ୍କ ସହ ଉମରକୋଟ ଭାଜପାର ବହୁ କାର୍ଯ୍ୟକର୍ତ୍ତା ସ୍ୱର୍ଗତ ମାଡିଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଏକ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ।

# ଦଶମନ୍ତପୁର ବ୍ଲକ୍‌ରେ ବନ ମହୋତ୍ସବ

ଦଶମନ୍ତପୁର,୩।୭
(ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍‌ରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ତାଲୁକ ଆଇନ ସେବା କମିଟି ଓ ବନ ବିଭାଗ ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମ ଜଜ୍ ବିକାଶ କିରଣ ମିଶ୍ରଙ୍କ ତତ୍ତ୍ୱାବଧାନରେ କୋର୍ଟ ପରିସରରେ ହୋଇଥିଲା। ସରକାରୀ ଉଚ୍ଚ ବିଦ୍ୟାଳୟ, ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଓ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଏହି ଅବସରରେ ୧ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ଏହି ସମୟରେ ବନ ବିଭାଗର ଫରେଷ୍ଟର ରାଜୀବ ଲୋଚନ ଖିଲ, କୋର୍ଟ ଷ୍ଟାଫ୍ ସନ୍ତୋଷ




ଅତିଥିମାନେ ଚାରାରୋପଣ କରୁଛନ୍ତି।

ରଞ୍ଜନ ଶତପଥୀ, କିରଣ ବେହେରା, ଦୁର୍ଗାମାଧବ ସାହୁ, ଗିରିଧର ମହାନ୍ତି, ଦଶମନ୍ତପୁର ସିଆର୍‌ସିସି ମଧୁସୂଦନ ପାତ୍ର, ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି କୁମାରୀ ମାର୍ଣ୍ଡି, ବଶିଷ୍ଠ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ତେବେ ଆଗାମୀ ଦିନରେ ଏହି ବ୍ଲକ୍‌ରେ ୨ଲକ୍ଷ ଚାରାରୋପଣ କରିବା ଲକ୍ଷ୍ୟ ରହିଛି ବୋଲି ଫରେଷ୍ଟର ଖିଲ କହିଛନ୍ତି।

# ବିକାଶମୂଳକ କାର୍ଯ୍ୟ ସମୀକ୍ଷା

ଜୟପୁର,୩।୭(ପବନ ପାଣିଗ୍ରାହୀ)

ଜୟପୁର ବ୍ଲକ୍ ଅନ୍ତର୍ଗତ ଗଡ଼ପଦର ପଞ୍ଚାୟତର ବିଭିନ୍ନ ଗ୍ରାମର ବିକାଶମୂଳକ କାର୍ଯ୍ୟ ମଙ୍ଗଳବାର ହୋଇ ସମୀକ୍ଷା ହୋଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦେବାଶିଷ ପଟ୍ଟନାୟକ ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଏମ୍‌ଏନ୍‌ଆର୍‌ଇଜିଏସ୍‌ର ସମୀକ୍ଷା ହୋଇଥିଲା। ଏହି ସମୟରେ ପଟ୍ଟନାୟକ କେତେଂଜଣ ହିତାଧିକାରୀଙ୍କ ସହ ଆଲୋଚନା କରି ସେମାନଙ୍କୁ ବିଭିନ୍ନ ବିଷୟରେ ପଚାରି ବୁଝିଥିଲେ। ଏହି ସମୟରେ ବିଡିଓ ଶକ୍ତି ମହାପାତ୍ର, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଏପିଓ ମାନସ ରଞ୍ଜନ କରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗଛ ଲଗାଇବା ବାର୍ତ୍ତା ନେଇ ୨ ଯୁବକଙ୍କ ସାଇକେଲ ଯାତ୍ରା

ଦାମନଯୋଡି,୩।୭ (ମାନସ ରଞ୍ଜନ କର)

ମୁଁ ବଞ୍ଚିବା ପାଇଁ ଗଛ ଲଗାଇବି ବାର୍ତ୍ତା ନେଇ କୋରାପୁଟ ଜିଲାରୁ ସାଇକେଲ ଯୋଗେ ପୁରୀକୁ ଯାତ୍ରା କରୁଥିବା ଦୁଇ ଯୁବକଙ୍କୁ ଦାମନଯୋଡିରେ ସାମାଜିକ ସଙ୍ଗଠନ ପ୍ରକୃତି ବନ୍ଧୁ ସଂଘ ଓ ମହାବୀର ଯୁବକ ସଂଘ କର୍ମକର୍ତ୍ତା ସ୍ୱାଗତ କରିଛନ୍ତି। ଦିନକୁ ଜଙ୍ଗଲ କ୍ଷୟ ହେଉଥିବା ସହ ଅକାରଣରେ ଲୋକେ ଗଛ କାଟୁଛନ୍ତି। ଏହାଦ୍ୱାରା ପରିବେଶ ନଷ୍ଟ ହେବା ସହ ବିଭିନ୍ନ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡୁଛି। ତେଣୁ ମୁଁ ବଞ୍ଚିବା ପାଇଁ ଗଛ ଲଗାଇବି ଏବଂ ସେଗୁଡ଼ିକର ଯତ୍ନ ନେଇ ସବୁଦିନ ସୁରକ୍ଷା ଦେବି। ଗଛର ଶତ୍ରୁକୁ ମୋର ଶତ୍ରୁ ତୁଲ୍ୟ ଦେଖିବି ଏଭଳି ବାର୍ତ୍ତା ନେଇ କୋରାପୁଟ ଜିଲା ଲମତାପୁଟର ସୁରେନ୍ଦ୍ର ମୁଦୁଲି ଓ ଜୟପୁରର ବାବୁଲା ମୁଦୁଲି ସାଇକେଲ ଯୋଗେ ପୁରୀ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ରଥଯାତ୍ରା ସମୟରେ ପୁରୀରେ ପହଞ୍ଚି ସେଠାରେ ଶ୍ରଦ୍ଧାଳୁଙ୍କ ଜରିଆରେ ଏହି ବାର୍ତ୍ତା ପ୍ରଚାର କରିବେ ବୋଲି ଉଭୟେ କହିଛନ୍ତି।

# ସବ୍‌ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଉମରକୋଟ, ୩।୭
(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ ବରିଷ୍ଠ ଦେୱାନି ଅଦାଲତ ସବ୍‌ଜଜ୍ ନିରଞ୍ଜନ ପାତ୍ର ଓ ଝରିଗାଁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ବିଚାରପତି ନିଶା ଅଗ୍ରୱାଲଙ୍କୁ ବଦଳି କରାଯାଇଛି। ଉମରକୋଟ ଓକିଲ ସଂଘ ପକ୍ଷରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି। ଅତିରିକ୍ତ ଜିଲା ଜଜ୍ ଗିରିଜା ପ୍ରସାଦ ମହାପାତ୍ର ମୁଖ୍ୟ ଅତିଥି, ପ୍ରଥମ ଶ୍ରେଣୀ ବିଚାରପତି ଈରା ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଏହିଅବସରରେ ସଂଘ ପକ୍ଷରୁ ବିଦାୟ ନେଉଥିବା ଜଜ୍‌ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାପତି ପ୍ରଶାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ରାମ ନାୟକ, ବରିଷ୍ଠ ସରକାରୀ ଓକିଲ ଝାଡ଼େଶ୍ୱର ମହାନ୍ତି, ଅନ୍ୟତମ ସରକାରୀ ଓକିଲ ମନୋହର ମହାନ୍ତି, ଓକିଲ ଏଲ୍. ଭି. ରାଓ, କିଶୋର ଚନ୍ଦ୍ର ମିଶ୍ର, ଉପସଭାପତି ପ୍ରଦୀପ ପଟ୍ଟନାୟକ, ସହସମ୍ପାଦକ ସଞ୍ଜୟ ନାୟକ, କୋଷାଧ୍ୟକ୍ଷ ଯୋଗେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସେମାନଙ୍କ ବ୍ୟତୀତ ବାଳକୃଷ୍ଣ ପାତ୍ର, ଅରୁଣ ପଟ୍ଟନାୟକ, ତପନ ଦେବନାଥ, ବିଜୟ ସିଂ, ଶାନ୍ତନୁ ବାହିନୀପତି, କେ. ଟି. ଜିଲାନି, ସନ୍ତୋଷ ସାହୁ, ଶଙ୍କର ଦେ, ଅଶୋକ ପାଢ଼ୀ, ମନୋଜ ମହାପାତ୍ର, କୃଷ୍ଣ ପଟ୍ଟନାୟକ, ଜୟନ୍ତ ମଜୁମଦାର, ନଳିନୀ ମିଶ୍ର, କୃଷ୍ଣ ନନ୍ଦ, କାଳୀ ନନ୍ଦ, ନାଗେଶ ପଟ୍ଟନାୟକ, ଅମ୍‌ଜାଦ ରେହମାନ, ବିବେକାନନ୍ଦ ବୈଦ୍ୟ, ମହମ୍ମଦ ହୁସେନ, କ୍ଷେମରାଜ ବାଘ, ହୁମେଶ୍ୱର ହଂସ, ଦେବାଶିଷ ମଲ୍ଲିକ ତଥା ଜୟଦେବ ଖମାରି ଓ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ।

# ଆଦିବାସୀ ସମାଜ ମହାସଂଘ ସମ୍ପାଦକଙ୍କୁ ବହିଷ୍କାର

**ପରଜା ସମାଜ ବୈଠକ**

ମାଥିଲି, ୩।୭(ସୁବାସ ଚନ୍ଦ୍ର ଖୁଡୁପିଆ)



ମାଲକାନଗିରି ଜିଲା ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ପାଇଁ ଆଦିବାସୀ ସମାଜ ମହାସଂଘ ତରଫରୁ ହରି ଗଲରି ବିଧାୟକ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଥିଲେ । ସେ ଜିଲା ଆଦିବାସୀ ସମାଜ ମହାସଂଘ ସମ୍ପାଦକ ଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ କୌଣସି କାରଣରୁ ସେ ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଥିଲେ। ଫଳରେ ପରଜା ସମାଜର ସନ୍ଦେହ ହୋଇଥିଲା । ସମାଜ ତରଫରୁ ହରିଙ୍କୁ ପଚାରିବାରୁ ସେ ଗାଁରୁ ଅଜ୍ଞାତବାସରେ ଚାଲିଯାଇଥିଲେ। ତାଙ୍କୁ ସମାଜ ତରଫରୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା । ତେବେ ହରିଙ୍କୁ ଆଦିବାସୀ ମହାସଂଘରୁ ବହିଷ୍କାର କରାଯାଇଛି ବୋଲି ଆଦିବାସୀ ନେତା ବନ୍ଧୁ ମୁଦୁଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ସୂଚନା ଅନୁଯାୟୀ, ପରଜା ସମାଜ ତରଫରୁ ବୁଧବାର ଏକ ବୈଠକ ଡାକିଥିଲେ । ଏଥିରେ ଆଲୋଚନା କରିବା ସହ ଆଦିବାସୀ ନାଁରେ ଏହା ଏକ କଳଙ୍କ ବୋଲି ଆଦିବାସୀ ନେତା ତ୍ରିନାଥ ଭୂମିଆ, ସଭ୍ୟ ସମାରୁ ନାୟକ, ସଭ୍ୟ ଭୀଷ୍ମ ଖିଲ, ନୀଳକଣ୍ଠ ପରଜା ପ୍ରମୁଖ ଗଣମାଧ୍ୟମକୁ ଜଣାଇଛନ୍ତି। ଆଗାମୀ ଦିନରେ ସମାଜର ମାନକୁ ତଳେ ପକାଇ ବଦନାମ କରିଥିବା ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଂଘ କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

# ୨ ସ୍ଥାନରେ ଚାରାରୋପଣ କାର୍ଯ୍ୟକ୍ରମ

ଜୟପୁର/ଦାମନଯୋଡି, ୩।୭(ପବନ ପାଣିଗ୍ରାହୀ/ମାନସ ରଞ୍ଜନ କର)

ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ସିଟି ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଇକୋ କ୍ଲବ୍ ଶିକ୍ଷକ ପ୍ରତାପ ପଟ୍ଟନାୟକ ବଦୁଲିଗୁଡା ନିକଟସ୍ଥ ସତୀ ଡ୍ୟାମ୍ ଅପରପାର୍ଶ୍ୱରେ ୨୫୦ ଚାରା ରୋପଣ କରିଛନ୍ତି। ଏହି କାର୍ଯ୍ୟକ୍ରମ ବନ ବିଭାଗ ଖଣ୍ଡୀୟ ଅଧିକାରୀ ସଚି ପରିଡ଼ାଙ୍କ ତତ୍ତ୍ୱାବଧାନରେ ହୋଯାଇଥିଲା। ପିଜୁଳି, ଶିଶୁ, ନିମ୍ବ, ବଉଳ, ତେନ୍ତୁଳି, ଅର୍ଜୁନ, ପଣସ ଆଦି ଚାରାରୋପଣ କରାଯାଇଥିଲା। ବିକ୍ରମଦେବ ବିଶ୍ୱବିଦ୍ୟାଳୟର ବି ଏଡ୍ ତାଲିମପ୍ରାପ୍ତ ଛାତ୍ର ଓ ସିଟି ଇଂରାଜୀ ବିଦ୍ୟାଳୟ ଅଧକ୍ଷ ସୁଧାକର ପଟ୍ଟନାୟକ ସହଯୋଗ କରିଥିଲେ। ସେହିପରି ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁରର ଜୁନିୟର ରେଡକ୍ରସ ଶାଖା, ଛାତ୍ର ଆରକ୍ଷୀ ବାହିନୀ, ସ୍କାଉଟ ଓ ଗାଇଡ, ଆଇନ ସାକ୍ଷରତା ଶାଖା ଏବଂ ସବୁଜ ବାହିନୀ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହାକୁ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକଙ୍କ ଏବଂ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା ପରିଚାଳନା କରିଥିଲେ। ବିଶ୍ୱରଞ୍ଜନ ଗୌଡ଼, ଶୁଭସ୍ମିତା ସାହୁ, ସୋମନାଥ ଶାକିଆ, ରଶ୍ମିତା ନାହାକ, ଦେବେନ୍ଦ୍ର ପାଢ଼ୀଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ର ଚାରାରୋପଣ କରିଥିଲେ। ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଦାମନଯୋଡ଼ିର ଅଗ୍ରଣୀ ସାମାଜିକ ସଂଗଠନ ରାଷ୍ଟ୍ରଦୀପ ପ୍ରସାର ସମିତି ପକ୍ଷରୁ ସ୍ଥାନୀୟ ଭେଜାପୁଟସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ଚାରାରୋପଣ କରାଯାଇଛି। ସମିତିର ସମ୍ପାଦକ ଡ. ଜଳେନ୍ଦ୍ର ତ୍ରିପାଠୀଙ୍କ ନେତୃତ୍ୱରେ ସିଆଇଏସ୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ନରେନ୍ଦ୍ର କୁମାର ଓ ଦାମନଯୋଡ଼ି ଥାନାଧିକାରୀ ପ୍ରମିଳା ବିଡିକା ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ସମିତିର ସଦସ୍ୟ ଓ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ‘ଜୀବନରେ ପରିବର୍ତ୍ତନ ଆଣିବା, ରକ୍ତଶିକୁଳିକୁ ହରାଇବା’

ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ବିଶ୍ୱ ରକ୍ତଶିକୁଳି ରକ୍ତହୀନତା ନିରାକରଣ ସଚେତନତା ଅଭିଯାନ ୨୦୨୪ ପାଳିତ ହୋଇଯାଇଛି। ଜୁନ୍ ୧୯ରୁ ଜୁଲାଇ ୩ ପର୍ଯ୍ୟନ୍ତ ହୋଇଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁ ଯୋଗଦେଇ ଥିଲେ। ଆଜିର କନ୍ୟା ଭବିଷ୍ୟତରେ ମାଆ। ତେଣୁ ରକ୍ତଶିକୁଳି ରୋଗର ଭୟାବହତା ଛାତ୍ରୀମାନେ ଜାଣିବା ଜରୁରୀ ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତର ନବକିଶୋର ବେହେରା ରକ୍ତଶିକୁଳି ରୋଗର ଲକ୍ଷଣ ଓ ଏହାର ନିରାକରଣ ସମ୍ପର୍କରେ ଅବଗତ ହୋଇ ସମାଜକୁ ସଚେତନ କରାଇବା ଜରୁରୀ ବୋଲି ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଅଣ ସଂକ୍ରମକ ରୋଗ ବିଭାଗର ସହକାରୀ ପରିଚାଳକ ତରୁଣ କୁମାର ସାହୁ ରକ୍ତ ଶିକୁଳିର ବିଭିନ୍ନ ପରୀକ୍ଷା ଓ ଏହାର ଗୁରୁତ୍ୱ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇଥିଲେ। ମହାବିଦ୍ୟାଳୟ ଶିକ୍ଷା ବିଭାଗ ମୁଖ୍ୟ ଡା. ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଛାତ୍ରୀମାନଙ୍କ ମଧ୍ୟରେ ଓପନ୍ କୁଇଜ୍ ପ୍ରତିଯୋଗିତା ସହ ପୁରସ୍କୃତ କରାଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସମେତ ବହୁ ସଂଖ୍ୟକ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।




ବୈଠକରେ ମଞ୍ଚାସୀନ ଅତିଥିମାନେ।

# ଜାତୀୟ ରାଜପଥରୁ ହଟିବ ଅବରୋଧ

**ଉପଖଣ୍ଡ ପ୍ରଶାସନର ବୈଠକ**

**ଗାଡ଼ି ପାର୍କିଂ କଲେ ଜରିମାନା**

ଜୟପୁର, ୩।୭(ପବନ ପାଣିଗ୍ରାହୀ)



ଉପଜିଲାପାଳଙ୍କ ତତ୍ତ୍ୱାବଧାନରେ ବସିଥିବା ବୈଠକ।

ଜାତୀୟ ରାଜପଥରୁ ଅବରୋଧ ହଟାଇବା ନେଇ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ଏନେଇ ଜୟପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଉପଜିଲାପାଳ ପ୍ରଭାତ ପରିଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ବୈଠକରେ ଗୁରୁବାରଠାରୁ ଜାତୀୟ ରାଜପଥ ପାର୍ଶ୍ୱରେ ଭାରିଯାନ ପାର୍କିଂ କଲେ ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ଓଭର ଲୋଡିଂ କରିଥିବା ଗାଡିକୁ ମଧ୍ୟ ଜରିମାନା କରାଯିବ। ସହର ସ୍ପିଡ ବାଇକର, ଉଚ୍ଚ ଶବ୍ଦ କରୁଥିବା ଯାନ ଉପରେ, ବିନା ହେଲମେଟରେ ବାଇକ୍ ଚଲାଉଥିଲେ କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ଲୋକଙ୍କୁ ସଚେତନ କରାଯିବ। ଜାତୀୟ ରାଜପଥ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ହୋଇଛି। ବିଶେଷକରି ଜୟପୁର ଦେଇ ଯାଇଥିବା ଦୁଇଟି ଜାତୀୟ ରାଜପଥ ନଂ. ୨୬ ଏବଂ ନଂ. ୩୨୬ର ଉଭୟ ପାର୍ଶ୍ୱରେ ବଢ଼ି ଚାଲିଥିବା ଅବରୋଧ କିଭଳି ହଟାଯିବ ସେନେଇ ପ୍ରଶାସନ ଗୁରୁତ୍ୱ ଦେଇଛି। ଅଧିକାଂଶ ସ୍ଥାନରେ ସ୍ଥାୟୀ ଗ୍ୟାରେଜ୍ ନିର୍ମାଣ ହୋଇଥିବା ବେଳେ ଟ୍ରକ, ବସ୍ ଏବଂ ଟିପ୍ପର ଭଳି ଗାଡ଼ି ଦିନ ସାରା ଜାତୀୟ ରାଜପଥ ପାର୍ଶ୍ୱରେ ମରାମତି ପାଇଁ ଠିଆ ହୋଇ ରହୁଛି। କେତେକ ସ୍ଥାନରେ ଟ୍ରକ୍‌ଗୁଡ଼ିକ ଜାତୀୟ ରାଜପଥ ପାର୍ଶ୍ୱରେ ପାର୍କିଂ କରାଯାଉଥିବା ବେଳେ ରାତ୍ରିକାଳୀନ ବସ୍‌ଗୁଡ଼ିକ ମଧ୍ୟ ଦିନ ସାରା ରହୁଛି। ଜାତୀୟ ରାଜପଥରେ ଦେଓଘାଟିଠାରୁ ଉମୁରିଯାଏ ଉଭୟ ପାର୍ଶ୍ୱରେ ମାଲବାହି ଗାଡିଗୁଡିକ ରହୁଛି । ଆରଟିଓ ଜୟପୁର ଏଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଉପଜିଲାପାଳ ପରିଡା ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ରାସ୍ତା ଓ ଗୃହ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣି, ଆରଟିଓ ରାଜେଶ ମାର୍ଣ୍ଡି, ପୌର ନିର୍ବାହୀ ଦାୟିତ୍ୱରେ ଥିବା ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ମୋନାଲିସା ଆଚାର୍ଯ୍ୟ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ,ଜାତୀୟ ରାଜପଥ ବିଭାଗର ଯନ୍ତ୍ରୀ, ଚାମ୍ବାର ଅଫ କର୍ମସ, ଟ୍ରକ ମାଲିକ ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜୟପୁର–ବୋରିଗୁମ୍ମା ଲମ୍ବିଥିବା ଜାତୀୟ ରାଜପଥ ୨୬ର ଗାନ୍ଧୀଛକ, ଢ଼େପଗୁଡ଼ା, ବାପୁଜୀ ନଗର ଛକ, ମହିଳା ମହାବିଦ୍ୟାଳୟ ସମ୍ମୁଖ ଭାଗ, ପାରାବେଢ଼ା ଛକ, ମୁଖ୍ୟ ଟ୍ରାଫିକ୍ ଛକ, ଓଏସ୍‌ଆର୍‌ଟିସି ନୂଆ ବସ୍‌ଷ୍ଟାଣ୍ଡ ସମ୍ମୁଖ, ଜେଇଏଲ୍‌ସି ଚର୍ଚ୍ଚ ସମ୍ମୁଖ, ଖ୍ରୀଷ୍ଟିଆନ୍ ପେଟା, ବିମାନଘାଟି ଛକ, ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖଠାରୁ ଆରମ୍ଭ କରି ରେଳ ଷ୍ଟେସନ୍ ଛକ ଯାଏ ଉଭୟ ପାର୍ଶ୍ୱରେ ଏବେ ଜବରଦଖଲ ବଢ଼ିବାରେ ଲାଗିଛି । ସେହିପରି ବ୍ରାହ୍ମଣୀ ଗାଁଠାରୁ ଆରମ୍ଭ କରି ଗ୍ଲୋକାଲ୍ ହସ୍ପିଟାଲ୍ ସମ୍ମୁଖ, ପାୱାର ହାଉସ୍ ଛକ, ରିଂ ରୋଡ୍, କୁମ୍ଭାର ସାହି ଛକ, ହାତୀଶାଳ, ପୁରୁଣାଗଡ଼ ଛକଠାରୁ ଆରମ୍ଭ କରି ହାଟପଦା, ବାରିଣୀପୁଟ ଏବଂ ମାଳିଗୁଡ଼ା ଛକ ଯାଏ ରାସ୍ତାର ଉଭୟ ପାର୍ଶ୍ୱରେ ମଧ୍ୟ ଜବର ଦଖଲ ରହିଛି।

# ବନ ମହୋତ୍ସବରେ ଲାଗିଲା ୨୦୦ ଚାରା

ମାଥିଲି, ୩।୭(ସୁବାସ ଚନ୍ଦ୍ର ଖୁଡୁପିଆ)


ଚାରାରୋପଣ କରାଯାଉଛି।

ମାଲକାନଗିରି ଜିଲା ମାଥିଲି ବ୍ଲକ୍ ଦଳପତିଗୁଡା ପଞ୍ଚାୟତ ବାରିଣୀ ଡାଇଗୁଡା ଗ୍ରାମ ଜଙ୍ଗଲରେ ବୁଧବାର ବନ ବିଭାଗ ତରଫରୁ ବନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଚାରାରୋପଣ କାର୍ଯ୍ୟକ୍ରମରେ ଦଳପତିଗୁଡା ପଞ୍ଚାୟତର ସମସ୍ତ ଗ୍ରାମବସୀ ଯୋଗ ଦେଇ ପୂଜାର୍ଚ୍ଚନାକରି ପ୍ରଥମେ ଚାରାରୋପଣ କରିଥିଲେ। ଗାଁ ମୁଖିଆ ରାମ ନାଗ ନଡ଼ିଆ ଭାଙ୍ଗି ଥିଲେ। ଡାଇଗୁଡା ଜଙ୍ଗଲରେ ୬ ହଜାର ଗଛ ଲଗାଯିବା ପାଇଁ ଯୋଜନା କରାଯାଇଛି। ପ୍ରଥମ ଦିନରେ ୨୦୦ ଚାରାରୋପଣ କରାଯାଇଛି। ବିଭିନ୍ନ ପ୍ରକାର ଚାରା ଆମ୍ବ, ପଣସ, ପିଜୁଳି, ଚାକୁଣ୍ଡା ଲିମ୍ବ ଗଛ ଲଗାଯାଇଛି। କ୍ରମାଗତ ଭାବେ ଏହି ଚାରାରୋପଣ କାର୍ଯ୍ୟକ୍ରମ ଜାରିରହିବ ବୋଲି ଫରେଷ୍ଟର ମୁରଲୀଧର ମହାରଣା ଓ ବନ ବିଭାଗ କର୍ମଚାରୀ କହିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ଚାରାରୋପଣ ଉପରେ ସଚେତନ କରାଯାଇଥିଲା। ଜଙ୍ଗଲକୁ ସୁରକ୍ଷା ଦେବାସହ ଏହାର ଯତ୍ନ ନେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ଡାଇଗୁଡାର ଗ୍ରାମବାସୀ ମାଥିଲି ବ୍ଲକର ସାମାଜିକ କର୍ମୀ ରହିତ କୁମାର ବେହେରା ପ୍ରଥମେ ଗୋଟିଏ ଗଛ ଲଗାଇ ଲୋକଙ୍କୁ ଏକତ୍ରିତ ହୋଇ ଜଙ୍ଗଲକୁ ଯାଇଥିଲେ। ସମସ୍ତେ ମିଶି ଗୋଟିଏ ଗୋଟିଏ ଗଛ ଲଗାଇଥିଲେ । ଗାଁ ଲୋକଙ୍କୁ ଏକତ୍ରିତ ଦେଖି ମହାରଣା ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଗଛଗୁଡିକର କିପରି ଯତ୍ନ ନିଆଯିବ ଓ ଗଛଗୁଡ଼ିକ କିପରି ସୁରକ୍ଷାରେ ରହିବ ତାହା ଉପରେ ଲୋକଙ୍କୁ ବୁଝାଇଥିଲେ ।

# ଦାଦନ ଖଟିବାକୁ ଯାଇ ଗାଁକୁ ଫେରିଲା ମୃତଦେହ

ଚିତ୍ରକୋଣ୍ଡା, ୩।୭(କ୍ଷୀରୋଦ ବେହେରା)

ଦାଦନ ଖଟିବାକୁ ଯାଇ ଗାଁକୁ ଫେରିଲା ମୃତଦେହ। ଏମିତି ଘଟଣା ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଟନେଲକ୍ୟାମ୍ପ ପଞ୍ଚାୟତ ଡାଇକ ୱାନ ଗ୍ରାମରେ ଘଟିଛି। ମୃତକ ହେଲେ ଭାସ୍କର ଖରା । ସୂଚନା ଅନୁଯାୟୀ, ଭାସ୍କର ଦାଦନ ଖଟିବାକୁ ଠିକାଦାରଙ୍କ ସହ ହାଇଦ୍ରାବାଦର ନିଜାମବାଦ ଯାଇଥିଲେ। ସେ ଦୀର୍ଘ ୧୦ ବର୍ଷ ହେଲା ଆଖପାଖ ଅଞ୍ଚଳରେ ଦାଦନ ଖଟୁଥିଲେ। ମଙ୍ଗଳବାର ଏକ ଡ୍ରେନ୍ କାମ କରୁଥିବା ସମୟରେ ହଠାତ ତଳେ ପଡିଯାଇଥିଲେ। ଅପରାହ୍ନ ପ୍ରାୟ ୪.୩୦ରେ ତାଙ୍କର ମୃତ୍ୟୁ ଘଟିଥିଲା । ଭାସ୍କରଙ୍କ ମୃତଦେହ ବୁଧବାର ଗାଁକୁ ଫେରିଛି।

# ଗୋବିନ୍ଦପାଲିରେ ଆରମ୍ଭହେଲା ଯାତ୍ରୀନିବାସ ଗୃହ, ପାନୀୟଜଳ ଯୋଗାଣ


ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଗୋବିନ୍ଦପାଲି, ୩।୭(କାର୍ତ୍ତିକ ରଥ)

ମାଲକାନଗିରି ଗୋବିନ୍ଦପାଲିରେ ବୁଧବାର ଯାତ୍ରୀନିବାସ ଗୃହ ଓ ବିଶୁଦ୍ଧ ପାନୀୟ ଜଳଯୋଗାଣ ବ୍ୟବସ୍ଥା ଉଦ୍ଘାଟିତ ହୋଇଯାଇଛି। ଗୋବିନ୍ଦପାଲି ପଞ୍ଚାୟତ ତରଫରୁ ବଜାରରେ ଥିବା ନିର୍ମାଣ କାର୍ଯ୍ୟ ପୂର୍ବତନ ସରପଞ୍ଚ ଉର୍ମିଳା ନାୟକଙ୍କ ପ୍ରଚେଷ୍ଟାରେ ତିଆରି ହୋଇଥିଲା। ବର୍ତ୍ତମାନ ଅଳ୍ପ କିଛି ବାକି କାର୍ଯ୍ୟକରି ଏହା ଉଦ୍ଘାଟିତ ହୋଇଛି। ଦୀର୍ଘଦିନ ହେବ ଏହା ନିର୍ମାଣ ହୋଇ କାର୍ଯ୍ୟରେ ଲାଗି ପାରୁ ନ ଥିବାରୁ ଲୋକ ଅସନ୍ତୋଷ ଦେଖାଦେଇଥିଲା। ବର୍ତ୍ତମାନ ଗୋବିନ୍ଦପାଲିର କାର୍ଯ୍ୟନିର୍ବାହୀ ଅଧିକାରୀ ବାଳକୃଷ୍ଣ ଦେହୁରୀଙ୍କ ନେତୃତ୍ୱରେ ଏହାର ଉଦ୍ଘାଟନ କାର୍ଯ୍ୟକ୍ରମ ଶେଷ ହୋଇଛି। ଏହା ସହ ଗୋବିନ୍ଦପାଲି ବସଷ୍ଟାଣ୍ଡ ନିକଟରେ ଏକ ବିଶୁଦ୍ଧ ଥଣ୍ଡା ପାନୀୟ ଜଳ ଯୋଗାଣ ମଧ୍ୟ ବ୍ୟବସ୍ଥା କରାଯାଇଛି। ଖଇରପୁଟ ବିଡିଓ ଉମାଶଙ୍କର କୋୟା ଉଭୟ ଯାତ୍ରୀନିବାସ ଓ ଥଣ୍ଡା ପାନୀୟ ଜଳ ଯୋଗାଣର ଉଦ୍ଘାଟନ କରିଥିଲେ। ଉଦ୍ଘାଟନ ସମୟରେ ଗୋବିନ୍ଦପାଲି ସରପଞ୍ଚ, ଯନ୍ତ୍ରୀ ଓ ବିଭିନ୍ନ ୱାର୍ଡର ୱାର୍ଡ ମେମ୍ବର ଆଦି ଉପସ୍ଥିତ ଥିଲେ। ପଞ୍ଚାୟତ ପିଇଓ ବାଳକୃଷ୍ଣ ଦେହୁରୀଙ୍କ ଏଭଳି ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଛନ୍ତି।

# ବାଲିମେଳା ବନାଞ୍ଚଳ ପକ୍ଷରୁ ଚାରା ରୋପଣ

କୋରୁକୋଣ୍ଡା,୩।୭(ଶିବଦତ୍ତ ସାହୁ)

ବାଲିମେଳା ବନାଞ୍ଚଳ ପକ୍ଷରୁ ବୁଧବାର ନିଳାଦ୍ରୀନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବନାଞ୍ଚଳ ଅଧିକାରୀ ଲିପ୍ସିତା କଅଁରଙ୍କ ନେତୃତ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏଥିରେ ଆମ୍ବ, ପଣସ, ଅଁଳା,ଲିମ୍ବ ଓ ଜଫ୍ରା ଭଳି ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କଅଁର ଚାରାଗୁଡିକର ଉପକାରିତା ସମ୍ବନ୍ଧରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିସ୍ତୃତ ଭାବେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନପାଳ ମୋହନ ଗୁଡ଼ିଆ, ବନରକ୍ଷୀ ପ୍ରଶାନ୍ତ କୁମାର ରାଉତଙ୍କ ସମେତ ବନ ବିଭାଗର ବହୁ କର୍ମଚାରୀ ଓ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରୀ ଛାତ୍ର ଉପସ୍ଥିତ ଥିଲେ।



ବନମହୋତ୍ସବ ଉପଲକ୍ଷେ ଛାତ୍ରୀଛାତ୍ର ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଅନ୍ୟମାନେ।

# ୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୩।୭(ଦୁର୍ଯ୍ୟୋଧନ ପାତ୍ର)


ଆତ୍ମସମର୍ପଣ କରିଥିବା ୨ ମାଓବାଦୀ ।

ଛତିଶଗଡ଼ ସୁକ୍ମା ଜିଲା ପୋଲିସ ନିକଟରେ ୨ ମାଓବାଦୀ ବୁଧବାର ଆତ୍ମସମର୍ପଣ କରଛନ୍ତି । ଏ ସମ୍ପର୍କରେ ସୁକ୍ମା ପୋଲିସ ଦେଇଥିବା ସୂଚନା ଅନୁଯାୟୀ ସୁକ୍ମା ଜିଲା କୋଣ୍ଟା ଅଞ୍ଚଳର ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ସୋଡି ଗଜେନ୍ଦ୍ର ଓରଫ ହଡମା ଓ ମହିଳା ମାଓବାଦୀ ସୋଡି ମଞ୍ଜୁଲା ଓରଫ ମଡକମ ମଞ୍ଜୁଲା। ଏହି ୨ଜଣ ସୁକ୍ମା ଏସ୍‌ପି କିରଣ ଚୌହାନ ଓ ସୁକ୍ମା ଉପ ମହାନିରୀକ୍ଷକ ସୁରଜ ପାଲଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ୨ଜଣ ମାଓବାଦୀଙ୍କ ମଧ୍ୟରୁ ସୋଡି ଗଜେନ୍ଦ୍ର ୨୦୧୪ ରେ ବିରାରଭଟି ସିଏନ୍‌ଏମ୍ ସଦସ୍ୟ ଓ ପରେ ୨୦୧୬ ରୁ ୨୦୧୯ ପର୍ଯ୍ୟନ୍ତ କୋଣ୍ଟା ଏରିଆ କମିଟି ଜନତାନା ସରକାର ପାର୍ଟି ସଦସ୍ୟ ଓ ୨୦୧୯ରୁ ୨୦୨୨ ପର୍ଯ୍ୟନ୍ତ କୋଣ୍ଟା ଏରିଆ କମିଟି ଅନ୍ତର୍ଗତ କୋଣ୍ଟା ଏଲ୍‌ଓଏସ୍ ଜନମିଲିସିଆ କମାଣ୍ଡର ଭାବେ କାର୍ଯ୍ୟକରି ଆସୁଥିଲେ । ସେହିପରି ସୋଡି ମଞ୍ଜୁଲା ମଧ ୨୦୦୨ରୁ ମାଓବାଦୀଙ୍କ ବିଭିନ୍ନ ସଂଗଠନରେ ସଦସ୍ୟା ଓ କମାଣ୍ଡର ଭାବେ କାର୍ଯ୍ୟ କରୁଥିଲେ। ବର୍ତ୍ତମାନ ପୋଲିସ ଦ୍ୱାରା ବିଭିନ୍ନ ସ୍ଥାନରେ କ୍ୟାମ୍ପ ପ୍ରତିଷ୍ଠା ଗତ ୩ ମାସ ମଧ୍ୟରେ ପୋଲିସ ଗୁଳିରେ ବହୁ ମାଓବାଦୀ ନିହତ ହେବା, ସାମଗ୍ରୀ ଜବତ ହେବା ସହ ସଙ୍ଗଠନରେ ପୂର୍ବ ଆଦର୍ଶ ନ ଥିବା ଯୋଗୁ ଏହି ୨ଜଣ ଆତ୍ମସମର୍ପଣ କରିଥିବା କହିଛନ୍ତି।

# ଟ୍ରେଲର ଧକ୍କାରେ ୪ ଗାଈ ମୃତ ୨ ଗୁରୁତର

କାଲିମେଳା, ୩।୭( ଜୀବନ କୃଷ୍ଣ ଦାସ )

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି ୬୬ ଗ୍ରାମ ଛକ ନିକଟରେ ବୁଧବାର ଭୋରୁ ଏକ ଟ୍ରେଲର ଧକ୍କାରେ ୪ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଗୁରୁତର ହୋଇଛନ୍ତି। ଆନ୍ଧ୍ର ପ୍ରଦେଶର ଏକ ଟ୍ରଲର ଜୟପୁରରୁ ବାହାରି ଆନ୍ଧ୍ର ଅଭିମୁଖେ ଯାଉଥିବା ବେଳେ ଏମ୍‌ଭି ୬୬ ମୁଖ୍ୟ ରାସ୍ତା ଉପରେ ଶୋଇଥିବା ଗୋରୁଙ୍କ ଉପରେ ଗାଡ଼ି ଚଢି ଯାଇଥିଲା । ତେବେ ଏକ ବାଇକ୍‌କୁ ବଞ୍ଚାଇବାକୁ ଯାଇ ଟ୍ରେଲର ଡ୍ରାଇଭର ଭାରସାମ୍ୟ ହରାଇ ଥିବା ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି । ତେବେ ଟ୍ରେଲର ଧକ୍କାରେ ରାସ୍ତାରେ ଶୋଇଥିବା ୪ ଗୋରୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୨ ଆହତ ହୋଇଛନ୍ତି। ଦୁର୍ଘଟଣା ପରେ ଡ୍ରାଇଭର ଗ୍ରାମ ଲୋକଙ୍କୁ ଡାକି ଏ ସମ୍ପର୍କରେ ଜଣାଇଥିଲେ। ପରେ ଗ୍ରାମବାସୀ ମିଶି ରାସ୍ତାରେ ମରି ପଡିଥିବା ଗୋରୁଙ୍କୁ ଉଠାଇ ଥିଲେ। ଗୋରୁ ମାଲିକମାନେ ହେଉଛନ୍ତି ଏମ୍‌ଭି- ୬୬ ଗ୍ରାମର ସଞ୍ଜିତ ସରକାର, ସଞ୍ଜୟ ସରକାର, ସୁଭାଷ ସରକାର,ବଳରାମ ଢାଲି ଓ କ୍ରିଷ୍ଣା ଢାଲି। କାଲିମେଳା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛି। ଗୋରୁ ମାଲିକଙ୍କୁ କ୍ଷତି ପୂରଣ ଦେବାକୁ ଦାବି ହୋଇଛି ।

# ୧୮ ଚାଷୀଙ୍କୁ ମକା ବିହନ ପ୍ରଦାନ



ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାରେ ଡିବିଡି ବାୟୋଟେକ୍ କିଷାନ କାର୍ଯ୍ୟକ୍ରମରେ ଜିଲାପାଳ କମଳ ଲୋଚନ ମିଶ୍ର ୧୮ ଜଣ ଚାଷୀଙ୍କୁ ମକା ବିହନ ପ୍ରଦାନ କରିଛନ୍ତି। ଓର୍‌ମାସ ପକ୍ଷରୁ ବାୟୋ ଫର୍ଟିଫାଇଡ ମକା ବୀହନ ବିତରଣ ବ୍ୟବସ୍ଥା ଗ୍ରହଣ କରିଛି। ଭୁବନେଶ୍ୱର ବୀଜ ବିଜ୍ଞାନ ସଂସ୍ଥାନ ଏହି ବିହନ ଯୋଗାଇଛି। ଚାଷୀଙ୍କୁ ଏକର ପିଛା ୮ କିଲୋ ବିହନ ପ୍ରଦାନ ଯୋଗାଇ ଦିଆଯାଇଛି। ଚାଷୀଙ୍କୁ ଉନ୍ନତ କିସମ ପୁଷ୍ପା ଏଚ୍‌କ୍ୟୁପିଏମ୍‌ଏସ୍ ବିହନ ଯୋଗାଇ ଦିଆଯାଇଛି। ସାଧାରଣ ମକାଠାରୁ ଏହି ମକାରେ ପ୍ରୋଟିନ ଅଧିକ ମାତ୍ରାରେ ରହିଛି। ଗର୍ଭବତୀ, ପ୍ରସୂତି, ପୁଷ୍ଟିହୀନତା ଓ ଦିବ୍ୟାଙ୍ଗ ପାଇଁ ଉପଯୁକ୍ତ ଖାଦ୍ୟ ଭାବେ ଏହା ସହାୟକ ହେବ। ସାଧାରଣ ମକା ଏମ୍‌ଏସ୍‌ପି ୨ ହଜାର ୨୨୫ ଟଙ୍କା ରହିଥିବା ବେଳେ ଏହା କିଲୋ ପ୍ରତି ଏକ ଟଙ୍କା ଅଧିକ ଦରରେ କିଣାଯିବ ବୋଲି ଓର୍‌ମାସ ଉପ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ. ଉମା ମହେଶ କହିଛନ୍ତି।

# ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବୃଦ୍ଧିକୁ ଗୁରୁତ୍ୱ

ନବରଙ୍ଗପୁର,୩।୭(ସଦାଶିବ ପ୍ରହରାଜ)

ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ବୁଧବାର ସମୀକ୍ଷା କରାଯାଇଛି। ବୈଠକରେ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରେଶମ ଲାଲ ନାୟକ, ଜିଲାର ୧୦ଟି ବ୍ଲକ ଶିକ୍ଷା ଅଧିକାରୀ ଓ ଜିଲା ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟର ସମସ୍ତ ସଂଯୋଜକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିକ୍ଷା ଅଧିକାରୀ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ଉପସ୍ଥାପନ କରିଥିଲେ। ଚଳିତ ଶିକ୍ଷା ବର୍ଷ ୨୦୨୩-୨୪ ରେ ୮୪.୮୮ ପ୍ରତିଶତ ଛାତ୍ରୀଛାତ୍ର ମାଟ୍ରିକ୍ ପାସ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଡିଇଓ ଜିଲାପାଳଙ୍କ ଜଣାଇଥିଲେ। ଗୁଣାତ୍ମକ ଶିକ୍ଷା, ଛାତ୍ରୀଛାତ୍ରଙ୍କ ଉପସ୍ଥାପନ ବୃଦ୍ଧି, ଡ୍ରପ୍‌ଆଉଟଙ୍କୁ ସ୍କୁଲକୁ ଫେରାଇ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଛି। ସ୍କୁଲରେ ଶୈକ୍ଷିକ ବାତାବରଣ ସୃଷ୍ଟି ସହ ସେମାନଙ୍କ ଦକ୍ଷତା ବୃଦ୍ଧି, ସମଗ୍ର ଶିକ୍ଷା ଯୋଜନା ଅଧୀନରେ ବିଦ୍ୟାଳୟଗୁଡିକୁ ବିଭିନ୍ନ ବାବଦକୁ ଦିଆଯାଉଥିବା ଅର୍ଥ ସୁବିନିଯୋଗ ଉପରେ ଗୁରୁତ୍ୱ ଦେବାକୁ ଡିଇଓ କହିଥିଲେ। ଯୋଜନା ସଂଯୋଜକ ପ୍ରଦିପ୍ତ କୁମାର ଷଡଙ୍ଗୀ ଓ ଅନ୍ୟ ସଂଯୋଜକମାନେ ଆଲୋଚନାରେ ଭାଗ ନେଇ ସହଯୋଗ କରିଥିଲେ।

# ସାର ଅଭାବ ସମସ୍ୟା ନେଇ ଆଲୋଚନା


ବୈଠକରେ ଆଲୋଚନା କରାଯାଉଛି।

ପାପଡ଼ାହାଣ୍ଡି,୩।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିସ୍ଥିତ ଲ୍ୟାମ୍ପସ ସଭାଗୃହରେ ଏମ୍‌ଡି ଇସ୍‌ମାଇ ସୋନପୁଲଙ୍କ ସଭାପତିତ୍ୱରେ ଲ୍ୟାମ୍ପସ ପରିଚାଳନା ନିର୍ଦ୍ଦେଶକଙ୍କ ବୋର୍ଡ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପସ ସଭାପତି ସଦାଶିବ ନାୟକ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାପଡ଼ାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ମଞ୍ଚାସୀନ ଥିଲେ। ବୈଠକରେ ଲ୍ୟାମ୍ପସର ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଉକ୍ତ ଅଞ୍ଚଳରେ ଡିଏପି ସାର ଅଭାବ ରହିଥିବାରୁ ଚାଷୀକୁଳ ଆଗାମୀ ଦିନରେ ସମସ୍ୟାର ସମ୍ମୁଖୀନ ହେବାକୁ ଯାଉଛନ୍ତି। ଉକ୍ତ ସମସ୍ୟାର କିଭଳିଭାବେ ସମାଧାନ ହେବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏନେଇ ସାର ଫେଡେରେଶନ ସହ ଆଲୋଚନା କରାଯାଇ ସମସ୍ୟା ସମାଧାନ କରାଯିବ ବୋଲି ଏମ୍‌ଡି ସୋନଫୁଲ କହିଥିଲେ। ବୈଠକରେ ଲ୍ୟାମ୍ପସର ସମସ୍ତ ପରିଚାଳନା ନିର୍ଦ୍ଦେଶକ ରଜନୀ ସାସମଲ, ବିଦ୍ୟା ମଲ୍ଲିକ, ତ୍ରିନାଥ ପ୍ରଧାନ, ଲବ ଜାନି, ଲଖମୁ ଭତରା, ମନ ଚୌଧୁରୀ, ଯୁଧିଷ୍ଠିର ଜାନୀ, ବୈଦ୍ୟନାଥ ପୂଜାରୀଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ମିଲେଟ ମିଶନ ଲକ୍ଷ୍ୟ ହାସଲ ନେଇ ଆନ୍ତରିକତା ଆବଶ୍ୟକ

ତେନ୍ତୁଳିଖୁଣ୍ଟି, ୩।୭(ଚିଦାନନ୍ଦ ସାହୁ)

**କୃଷି ଜିଲା ଅଧିକାରୀଙ୍କ ମିଲେଟ ମିଶନ କାର୍ଯ୍ୟ ସମୀକ୍ଷା**

- ସଚେତନତା, ପ୍ରୋତ୍ସାହନ ସତ୍ତ୍ୱେ ସଫଳତା ମିଳୁ ନ ଥିବାରୁ କ୍ଷୋଭ ପ୍ରକାଶ
- କ୍ରପ କଟିଙ୍ଗ ରିପୋର୍ଟ ଠିକ୍ କରିବାକୁ ପରାମର୍ଶ

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ କୃଷି ସୂଚନା ଏବଂ ପରାମର୍ଶ କେନ୍ଦ୍ର ଅଫିସରେ କୃଷି ଜିଲା ଅଧିକାରୀ ଅନିଲ ପ୍ରହରାଜ ନବରଙ୍ଗପୁର, ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ସର୍କଲରେ ମିଲେଟ୍ ମିଶନର ସମୀକ୍ଷା କରିଥିଲେ। ସଚେତନତା ଓ ପ୍ରୋତ୍ସାହନ ସତ୍ତ୍ୱେ ମିଲେଟ ମିଶନ କାହିଁକି ଲକ୍ଷ୍ୟ ହାସଲ କରିପାରୁନାହିଁ, ଚାଷୀ କାହିଁକି ଆଗ୍ରହୀ ହେଉନାହାନ୍ତି ବୋଲି କୃଷି ଜିଲା ଅଧିକାରୀ ପ୍ରଶ୍ନ କରିଥିଲେ। କ୍ଷେତ୍ର ରିପୋର୍ଟ ଠିକ୍ ହେଉ ନ ଥିବାରୁ ଏପରି ସମସ୍ୟା ହେଉଛି ବୋଲି ବୈଠକରେ ଆଲୋଚନା କରାଯାଇଛି। ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ଓଡ଼ିଶା ମିଲେଟ୍ ମିଶନ କେତେ କାର୍ଯ୍ୟକାରୀ ହୋଇଛି ଏବଂ ଚଳିତ ବର୍ଷ କେତେ ମାଣ୍ଡିଆ ଚାଷ କରିବା ପାଇଁ ଲକ୍ଷ୍ୟ ଦିଆଯାଇଛି ସେ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ମିଲେଟ୍ ମିଶନ ଲକ୍ଷ୍ୟ ହାସଲ ପାଇଁ ଆନ୍ତରିକତା ଆବଶ୍ୟକ। ସାପ୍ତାହିକ କ୍ଷେତ୍ର ରିପୋର୍ଟ କରିବା ଜରୁରୀ, କ୍ରପ୍ କଟିଂ ରିପୋର୍ଟ ଠିକ୍ କରିବାକୁ ପରାମର୍ଶ ଦିଆଯାଇଛି। ଏପରି କଲେ ବାହାର ରାଜ୍ୟରୁ ମାଣ୍ଡିଆ ଆଣି ହେରଫେର କେହି କରିବେନାହିଁ ବୋଲି ବୈଠକରେ କୁହାଯାଇଛି। ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ପାରମ୍ପରିକ ମାଣ୍ଡିଆ ଚାଷ ଭଳି ନ କରି ନୂତନ ପଦ୍ଧତିରେ ଚାଷ କରି ଉତ୍ପାଦନ ବୃଦ୍ଧି ଦେଖାଇବାକୁ ପଡିବ ବୋଲି ସହକାରୀ କୃଷି ଅଧିକାରୀ ମାନସ କୁମାର ନାୟକ କହିଥିଲେ। ବୈଠକରେ ନବରଙ୍ଗପୁର ଜିଲା ସ୍କିମ୍ ଅଫିସର ପ୍ରଣୟ କୁମାର ମନ୍ତ୍ରୀ, ଓଡ଼ିଶା ମିଲେଟ୍ ମିଶନ ଜିଲା ସଂଯୋଜକ ମୃତ୍ୟୁଞ୍ଜୟ କନ୍ଦପାନ, ତେନ୍ତୁଳିଖୁଣ୍ଟି ଓଡ଼ିଶା ମିଲେଟ୍ ମିଶନ ବ୍ଲକ୍ ସଂଯୋଜକ ନିଶାନ୍ତ କୁମାର ବିଷୋୟୀ, ଏଟିଏମ୍ ବାଳଗୋବିନ୍ଦ ସାହୁ, କୃଷି ଓଭରସିୟର ଧୀରେନ ବେନ୍ୟ, ବନ୍ଦିତା ମହାରଣା ଓ ମଧୁସ୍ମିତା ପତି, ତେନ୍ତୁଳଖୁଣ୍ଟି ବ୍ଲକ୍ ମିଲେଟ ମିଶନ ଦାୟିତ୍ୱ ନେଇଥିବା ଅଗ୍ରଗାମୀ ପ୍ରକଳ୍ପ ଅଫିସ୍‌ରୁ ଆଶିଷ କୁମାର ଦିଗାଲ, ଅଶ୍ୱିନୀ ନାୟକ, ହିମାଂଶୁ ଦଳେଇ, ଜୟ ପାତ୍ର, ଜଗନ୍ନାଥ ଦିଶାରି, କୃପାସିନ୍ଧୁ ଗୌଡ଼, ଟଙ୍କଧର ଝୋଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ କୃଷି ବିଭାଗ ଅଧିକାରୀ ଓ ଅନ୍ୟମାନେ।

# ଜିଲାରେ ୮ ଲକ୍ଷ ଚାରାରୋପଣ ଲକ୍ଷ୍ୟ

**ମା'ଙ୍କ ନାମରେ ଗୋଟିଏ ଗଛ କାର୍ଯ୍ୟକ୍ରମ**

ନବରଙ୍ଗପୁର/ନନ୍ଦାହାଣ୍ଡି,୩।୭ (ସଦାଶିବ ପ୍ରହରାଜ/ପ୍ରତୀପ କୁମାର ଦାଶ)


କାର୍ଯ୍ୟକ୍ରମରେ ଜିଲାପାଳ କମଳ ଲୋଚନ ମିଶ୍ର, ଅଧିକାରୀ ଓ ଅନ୍ୟମାନେ।

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶାନୁଯାୟୀ ବୁଧବାର ନନ୍ଦାହାଣ୍ଡି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ମାଁଙ୍କ ନାମରେ ଗୋଟିଏ ଗଛ କାର୍ଯ୍ୟକ୍ରମକୁ ଜିଲାପାଳ ଡ. କମଳ ଲୋଚନ ମିଶ୍ର ଶୁଭାରମ୍ଭ କରିଛନ୍ତି। ବଦ୍ରିଗୁଡ଼ା ଗ୍ରାମସ୍ଥିତ ଅଙ୍ଗନୱାଡି ପରିସରରେ ଜିଲାପାଳ ଡ. ମିଶ୍ର ଫଳ ଚାରା ଲଗାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ବ୍ଲକ୍‌ର ୨୫୦ ଜଣ ଏସ୍‌ଏଚ୍‌ଜି ମହିଳା ଚାରାରୋପଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମା କେବେ ମରେ ନାହିଁ। ମା' ମରିଥିଲେ ବି ଅମର। ଜୀବନରେ ହଠାତ୍ ବିପଦର ସମ୍ମୁଖୀନ ହେଲେ ଆପେ ଆପେ ମା ଶବ୍ଦଟି ପାଟିକୁ ଆସିଯାଏ। ସେହି ମା ପାଇଁ ଉପମୁଖ୍ୟ ମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଜିଲାରେ ଚାରାରୋପଣ କାର୍ଯ୍ୟକ୍ରମ ଚାଲିଛି ବୋଲି ଜିଲାପାଳ ମତ ଦେଇଥିଲେ। ଜିଲାରେ ୨ ଲକ୍ଷ ସ୍ୱୟଂ ସହାୟକ ମହିଳାଙ୍କ ଦ୍ୱାରା ୮ ଲକ୍ଷ ଚାରାରୋପଣ ଲକ୍ଷ୍ୟ ରକ୍ଷାଯାଇଥିବା ସୂଚନା ଦେଇଛନ୍ତି। ଜଳବାୟୁ ପରିବର୍ତ୍ତନ ଯୋଗୁ ପୃଥିବୀର ଉତ୍ତାପ ବଢୁଛି। ଏହାର ପ୍ରଭାବରେ ଅତ୍ୟଧିକ ଗରମ ହେବା, ବନ୍ୟା, ବାତ୍ୟା ଓ ମରଡ଼ି ଭଳି ବିପତ୍ତି ଆସୁଛି। ଜଳବାୟୁ ପରିବର୍ତ୍ତନକୁ ରୋକା ନ ଗଲେ ପୃଥିବୀର ଅନେକ ଅଂଶ ଜଳମଗ୍ନ ହେବ। ଅନେକ ଅଂଶ ମରୁଭୂମିରେ ପରିବର୍ତ୍ତନ ହେବ। ଏହାଦ୍ୱାରା ଜୀବଜଗତ ଧ୍ୱଂସ ପାଇଯିବ। ପୃଥିବୀ ଓ ପରିବେଶକୁ ରକ୍ଷା କରିବା ନାଗରିକଙ୍କ ଦାୟିତ୍ୱ ବୋଲି ବୈଠକରେ ଆଲୋଚନା କରାଯାଇଛି। ଜଳବାୟୁ ପରିବର୍ତ୍ତନରେ ଗଛର ଭୂମିକା ବିଷୟରେ ଆଲୋଚନା କରିବା ସହିତ ପ୍ରତ୍ୟେକ ଗ୍ରାମରେ ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଛି। ଜିଲା ସମାଜ କଲ୍ୟାଣ ବିଭାଗ ଅଧିକାରୀ ଶିବାନୀ ଗୁହା, ନନ୍ଦହାଣ୍ଡି ବିଡିଓ କ୍ଷୀରୋଦ ଚନ୍ଦ୍ର ସାହୁ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଚନ୍ଦ୍ରମୋହନ ସାହୁ , ଫରେଷ୍ଟର ରିତେଶ ସୁନା, ଜିଲା ମିଶନ ଶକ୍ତି ସଂଯୋଜକ ହର୍ଷାନନ୍ଦ ପ୍ରଧାନ, ଆକ୍ସନଏଡ ଜିଲା ପରାମର୍ଶଦାତା ଫକିରଚରଣ ରାଉତ, ଜିଲା ମମତା ସଂଯୋଜକ ବିଶୋଜିତ ମହାନ୍ତି ପ୍ରମୁଖ ଚାରାରୋପଣ କରିଥିଲେ। ନନ୍ଦାହାଣ୍ଡି ସିଡିପିଓ ସସ୍ମିତାବାଳା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଚାରାରୋପଣ କାର୍ଯ୍ୟକ୍ରମରେ ସୁପରଭାଇଜର ମନିକା ସରକାର, ଶାନ୍ତିଲତା ଭୂମିଆଁ, ସଙ୍ଗୀତା ଦାସ, ନିକିସା ନାୟକ,ବ୍ଲକ ପୋଷଣ ସଂଯୋଜକ ଚରଣସିଂ ବିଶି, ମମତା ସଂଯୋଜିକା ସୁପ୍ରଭା ତ୍ରିପାଠୀ, ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ଚନ୍ଦ୍ରମୋହନ ସାହୁ, ଫରେଷ୍ଟର ରିତେଶ ସୁନା, ମିଶନ ଶକ୍ତି ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ମାମୁନ କୁମାର କର, ସହ ସଂଯୋଜକ ସର୍ବେସ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।

